## ସଂକ୍ଷେପରେ...

### ଗାଡ଼ି ଡିକି ଭାଙ୍ଗି ୪୯୦୦୦ ଲୁଟ୍

ଉମରକୋଟ, ୪।୧୦(ସ୍ୱ.ପ୍ର.)-ଉମରକୋଟ ସହରସ୍ଥିତ ୟୁନିଅନ ବ୍ୟାଙ୍କ୍ ଅଫ ଇଣ୍ଡିଆ ସମ୍ମୁଖରୁ ସୋମବାର ଦିନ ଦ୍ୱିପହରରେ ଗାଡି ଡିକି ଭାଙ୍ଗି ଲୁଟ୍ ହୋଇଛି। ସହରରେ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ଅଞ୍ଚଳବାସୀ ଏବେ ଚିନ୍ତିତ। ସୂଚନାନୁଯାୟୀ, ୟୁଭି ୫୨ ଗ୍ରାମର ଶ୍ୟାମନନ୍ଦ ହାଲଦାର ସୋମବାର ଦିନ ପ୍ରାୟ ୧ଟାରେ ବ୍ୟାଙ୍କରୁ ୪୯ହଜାର ଟଙ୍କା ଉଠାଇ ଗାଡି ଡିକିରେ ରଖିଥିଲେ। ଏହାପରେ ସେ ବ୍ୟାଙ୍କ ନିକଟରେ ଥିବା ଏକ ଦୋକାନରୁ କିଛି ଜିନିଷ କିଣିବାକୁ ଯାଇଥିଲେ। ମାତ୍ର କିଛି ମିନିଟ୍ ମଧ୍ୟରେ ଫେରିବା ପରେ ତାଙ୍କ ଗାଡି ଡିକି ଖୋଲା ରହିଥିବା ଓ ସେଥିରେ ଥିବା ଟଙ୍କା ନ ଥିବା ସେ ଦେଖିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଆଇନଜୀବୀ ତପନ କୁମାର ଦେବନାଥ ଉମରକୋଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି।

### ମେଡିକାଲ କଲେଜ, ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି

**୬ଷ୍ଠ ଦିନରେ ଯୁବ ବିକାଶ ପରିଷଦର ଆନ୍ଦୋଳନ**

ରାୟଗଡ଼ା ଅଫିସ,୪।୧୦- ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବା ଏବଂ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ରାୟଗଡ଼ା ଯୁବ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ସେପ୍ଟେମ୍ବର ୨୯ରୁ ଅରମ୍ଭ ହୋଇଥିବା ଏହି ଆନ୍ଦୋଳନ ସୋମବାର ୬ଷ୍ଠ ଦିନରେ ପହଞ୍ଚିଛି। ରବିବାର ୫ମ ଦିନରେ ପୌରାଞ୍ଚଳର ୩ ଏବଂ ୫ ନଂ ୱାର୍ଡରେ ଧାରଣା ଦିଆଯାଇଥିଲା। ସୋମବାର ୪ ଓ ୬ ନଂ ୱାର୍ଡରେ ଧାରଣା ଦିଆଯାଇଛି। ୨୦୨୨ ଏପ୍ରିଲ୍ ପର୍ଯ୍ୟନ୍ତ ବିଭିନ୍ନ ୱାର୍ଡ ଏବଂ ପଞ୍ଚାୟତ ସ୍ତରରେ ଏହି ଆନ୍ଦୋଳନ ଜାରି ରହିବ। ଜିଲା ଯୁବ ବିକାଶ ପରିଷଦର ସଭାପତି ଶିବାଜୀ ଦାସଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। ଧାରଣାରେ ପରିଷଦର ପ୍ରଶାନ୍ତ ତ୍ରିପାଠୀ, ଦଶରାଥି ପଢ଼ିଆରି, ଅଶୋକ ପଟ୍ଟନାୟକ, ବାବୁଲି ପଣ୍ଡା, ସତ୍ୟ ମିଶ୍ର, ଏନ୍.ଏନ୍. ପାଢ଼ୀ, ସୁରେଶ ଦାସ, ନାରାୟଣ ପଣ୍ଡା, ଶିବ ପ୍ରସାଦ ପାଢ଼ୀ ପ୍ରମୁଖ ସାମିଲ ଅଛନ୍ତି। ପରିଷଦ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଜନସାଧାରଣ ଏବଂ ବୁଦ୍ଧୀଜୀବୀ ସମର୍ଥନ କରିଛନ୍ତି।

### ଗୋ-ହତ୍ୟାକୁ ନେଇ ମାହାସିଂରେ ଉତ୍ତେଜନା

**ଫୁଲବାଣୀ ଅଫିସ, ୪।୧୦:** କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ମାହାସିଂରେ ଗୋ ହତ୍ୟାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ରବିବାର ରାତିରେ କେହି ଦୁର୍ବୃତ୍ତ ମାହାସିଂ ପଞ୍ଚାୟତର ରାସ୍ତା ପାର୍ଶ୍ୱରେ ଏକ ଗୋରୁର ଗୋଟିଏ ଗୋଡ଼କୁ କାଟି ନେଇ ଯାଇଥିବାରୁ ତାହାର ମୃତ୍ୟୁ ଘଟିଛି । ସୋମବାର ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ବାଲିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋରୁ ଜବତ କରି ତଦନ୍ତ ଆରମ୍ଭ କରିଛି । ହିନ୍ଦୁପୁତ୍ର ସଙ୍ଗଠନ ସଦସ୍ୟ ସୁରେଶ କୁମାର ପତି, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସମ୍ପାଦକ ଜିତେନ୍ଦ୍ର ପାତ୍ର ତୁରନ୍ତ ଗୋ ହତ୍ୟାକରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

### ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ

**ଆର.ଉଦୟଗିରି,୪।୧୦(ଡି.ଏନ.ଏ.):** ଅଡ଼ବା ଥାନା ପୋଲିସର ପାଟ୍ରୋଲିଂ ବେଳେ ମାନ୍ଦ୍ରାବାଜୁ ଛକ ନିକଟରେ ଏକ ଟ୍ରକ୍‌ରୁ ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ଏସ୍‌ଆଇଙ୍କୁ ମାଲକାନଗିରି ବଦଳି

- ମୋଟୁ ଥାନାରେ ୨ ଯୁବକଙ୍କୁ ଅଟକ ରଖି ମାଡ଼ ମାରିବା ଘଟଣା
- ଏସ୍‌ଡିପିଓଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ

କାଲିମେଲା, ୪।୧୦(ଡି.ଏନ.ଏ.)

ଏକ ଚୋରି ଘଟଣାରେ ମାଲକାନଗିରି ଜିଲା ମୋଟୁ ପୋଲିସ ୨ ଜଣ ଯୁବକଙ୍କୁ ଥାନାକୁ ଉଠାଇ ନେଇ ଥାନାରେ ତଦନ୍ତ ଆଳରେ ୩/୪ ଦିନ ରଖି ଉଭୟଙ୍କୁ ନିସ୍ଥୁକ ମାଡ଼ ମାରିବା ଘଟଣାରେ ଏସ୍‌ଆଇ ସୋମନାଥ ଦଳବେହେରାଙ୍କୁ ମୋଟୁ ଥାନାରୁ ସୋମବାର ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସଡିପିଓ ଜି.ଅଭିଳାଶ ମୋଟୁ ଥାନା ଏବଂ ଏମ୍‌ଭି-୮୧ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ମାଡ ଖାଇ ଏମ୍‌ଭି-୭୯ ମେଡିକାଲରେ ଚିକିତ୍ସିତ ହେଉଥିବା ୨ ଯୁବକଙ୍କୁ ଅଧିକ ଚିକିତ୍ସା ଲାଗି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ମୋଟୁ ଥାନା ଅନ୍ତର୍ଗତ ମହାରାଜପାଲି ପଞ୍ଚାୟତ ଏମ୍‌ପିଭି-୮୧ ଗ୍ରାମର ଅଭିଜିତ ବିଶ୍ୱାସଙ୍କ ଘରୁ ୧୬ ଦିନ ତଳେ ସୁନାଗହଣା ଓ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିଲା। ଏଥିରେ ଗ୍ରାମର ବିଶ୍ୱଜିତ ବିଶ୍ୱାସ ଓ ବିପ୍ଳବ ହାଲଦାରଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ଗ୍ରାମବାସୀ ଉଭୟଙ୍କୁ ଶନିବାର ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ କୋର୍ଟଚାଲାଣ ନ କରି ତଦନ୍ତ ଆଳରେ ଅଟକ ରଖି ନିସ୍ଥୁକ ପିଟିଥିଲା। ଏ ନେଇ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଘଟଣାର ତଦନ୍ତ କରୁଛୁ। ବର୍ତ୍ତମାନ ସମ୍ପୃକ୍ତ ଏସ୍‌ଆଇଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ତଦନ୍ତ ପରେ ପୋଲିସ ମାଡ଼ ମାରିବା ନେଇ ସତ୍ୟାସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ପୋଲିସର ବର୍ବରତା ନେଇ ମୁହଁ ଖୋଲିଛନ୍ତି ବିଶ୍ୱଜିତ୍ ଓ ବିପ୍ଳବ। ଆମେ ଚୋରି କରିନୁ। ଆମକୁ ମିଛରେ ଫଶାଯାଇଛି, ଛାଡିଦିଅ ବୋଲି ପୋଲିସକୁ କହିଲେ ମଧ୍ୟ ସେ ଶୁଣି ନ ଥିଲେ। ମଦ୍ୟପାନ କରି ୨ ଜଣ ପୋଲିସ କର୍ମଚାରୀ ଆମ ଦୁଇହାତକୁ ଧରିଥିବା ବେଳେ ଅନ୍ୟ ଅନ୍ୟଜଣେ ଲୁହାଛଡ, ପାଇପ ଏବଂ ବାଉଁଶ ଠେଙ୍ଗା ତଥା ଯାହା ତାଙ୍କ ହାତରେ ପଡୁଥିଲା ସେଥିରେ ଆମକୁ ପିଟୁଥିଲେ ବୋଲି ଉଭୟେ କହିଛନ୍ତି। ତମେମାନେ ଚୋରି କର କି ନ କର ଆମକୁ ୫୦ ହଜାର ଟଙ୍କା ଦିଅ ତମମାନଙ୍କୁ ଛାଡିଦେବି ବୋଲି ପୋଲିସ ଅଧିକାରୀ ଜଣକ କହିଥିବା ବିଶ୍ୱଜିତ୍ ଓ ବିପ୍ଳବ ଅଭିଯୋଗ କରିଛନ୍ତି। ଅଭିଯୋଗର ନିରପେକ୍ଷ ତଦନ୍ତ କରି ଏସ୍‌ଆଇଙ୍କ ସହ ଅନ୍ୟ ଯେଉଁ ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ରୋଡ୍ ଶୋ, ସମ୍ମିଳନୀରେ ଲୋକଙ୍କ ସହ ମିଶିଲେ



ରୋଡ୍ ଶୋ’ ବେଳେ ଅପରାଜିତାଙ୍କୁ ସ୍ୱାଗତ କରାଯାଉଛି।

**ରାୟଗଡ଼ା ଗସ୍ତରେ ଅପରାଜିତା ଷଡ଼ଙ୍ଗୀ**

ରାୟଗଡ଼ା ଅଫିସ/ଗୁଣପୁର, ୪।୧୦(ଡି.ଏନ୍.ଏ.)

ଆଗକୁ ନିର୍ବାଚନ ରହିଥିବାବେଳେ ବିଭିନ୍ନ ଦଳ ପକ୍ଷରୁ କସରତ ଆରମ୍ଭ ହୋଇଛି। ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର, ରାଜ୍ୟ ଉପ ସଭାପତି ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଦୁଇ ଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସିଛନ୍ତି। ରାୟଗଡ଼ାଠାରେ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଅପରାଜିତା ରାୟଗଡ଼ା ସହରରୁ ଜେକେପୁର ପର୍ଯ୍ୟନ୍ତ ରୋଡ୍‌ଶୋ’ରେ ଯାଇ ସିଧାସଳଖ ଲୋକଙ୍କ ସହ ମିଶି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଅବଗତ କରାଇଥିଲେ। ସେହିପରି ସେରିଗୁଡ଼ାଠାରୁ ମାଁ ମଝିଘରିଆଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲା। ମାଁଙ୍କ ଦର୍ଶନ ପରେ ଅପରାଜିତା ମନ୍ଦିରଠାରୁ ସାରଳା ଛକ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ରାୟଗଡ଼ା ଜିଲା ସଭାପତିଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକଙ୍କୁ ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବେ ବୋଲି ଅପରାଜିତା କହିଛନ୍ତି।

ସନ୍ଧ୍ୟାରେ ଅପରାଜିତା ଗୁଣପୁରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକ୍ରମପୁର ଛକଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ଏଥିରେ ମହିଳା, ଯୁବକ ଏବଂ ଭାଜପାର କେତେଜଣ ନେତା ଉପସ୍ଥିତ ରହି ସ୍ୱାଗତ କରିଥିଲେ। ପରେ ସ୍ଥାନୀୟ ସତ୍ୟା ରେସିଡେନ୍ସିଠାରେ ବୁଦ୍ଧିଜୀବୀ ସମ୍ମିଳନି ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଜିଲା ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ଅମିତାଭ ମହାପାତ୍ର, ଜିଲା ସମ୍ପାଦକ ସୁନିଲ ପାଣିଗ୍ରାହୀ, ଭାଜପା ଜିଲା ସମ୍ପାଦକ ରବି ଗମାଙ୍ଗ, କୃଷକ ମୋର୍ଚ୍ଚାର ଜିଲା ସଭାପତି ପ୍ରେମ ପ୍ରସାଦ ପଣ୍ଡାଙ୍କ ସମେତ ପିଙ୍କି ମହାପାତ୍ର, ପ୍ରମୋଦ ସାହୁ, ଭି. ଶ୍ରୀରାମ ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାଜପା କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିଲା। ଆମ ପରିବାରର ରାଜ୍ୟ ଆବାହକ ଜୀବନ ସାହୁ, ନିକୁଞ୍ଜ ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମଙ୍ଗଳବାର ସକାଳେ ଗୁଣପୁରଠାରେ ଚାୟ ପେ ଚର୍ଚ୍ଚା, ପଦଯାତ୍ରା ଏବଂ ନୂତନ ବସ୍‌ଷ୍ଟାଣ୍ଡ ଠାରେ ସାଧାରଣ ସଭାର କାର୍ଯ୍ୟକ୍ରମ ରହିଛି। ସେହିପରି ରାୟଗଡ଼ାଠାରେ ଜିଲାର ଭାଜପା ନେତା ଓ କର୍ମୀଙ୍କୁ ନେଇ ଆଲୋଚନା ସହ ଖବରଦାତା ସମ୍ମିଳନୀ କରିବା କାର୍ଯ୍ୟକ୍ରମ ରହିଛି।

# ମାସେ ପରେ ବି ଧରାପଡ଼ିଲେନି ଅଭିଯୁକ୍ତ

- ଗୁଣପୁର ମାଁ ଗ୍ରାମଦେବୀଙ୍କ ଅଳଙ୍କାର ଚୋରି ମାମଲା
- ଶ୍ରୀହୀନ ଦିଶୁଛନ୍ତି ମାଁ

ଗୁଣପୁର,୪।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ମାଁ ଗ୍ରାମଦେବୀଙ୍କ ମନ୍ଦିରରୁ ଚୋରି ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରାପଡ଼ିନାହାନ୍ତି। ସେପ୍ଟେମ୍ବର ୭ରେ କେହି ଦୁର୍ବୃତ୍ତ ମନ୍ଦିରରେ ପଶି ମାଁଙ୍କ ପ୍ରାୟ ୪ ଭରି ସୁନା ଓ ୩୦ ଭରି ରୁପା ଅଳଙ୍କାର ଚୋରି କରି ନେଇଥିବା ନେଇ ପୂଜକ ଗୁଣପୁର ଥାନାରେ ଏତଲା ଦେଇଥିଲେ। ଘଟଣାର ମାସେ ପୂରିବାକୁ ଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଅଳଙ୍କାର ମିଳି ନ ଥିବା ଜଣାପଡ଼ିଛି। ଆଗକୁ ଦଶହରା ରହିଥିବାରୁ ମନ୍ଦିରରେ ରଙ୍ଗଦିଆ କାମ ଆରମ୍ଭ ହୋଇଛି। ହେଲେ ଅଳଙ୍କାର ବିନା ମାଁ ଶ୍ରୀହୀନ ଦେଖାଯାଉଛନ୍ତି। ଏହା ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମନକୁ ଆଘାତ ଦେଉଛି। ଏଥିସହ ମାସେହେଲା ପୋଲିସ ଅଭିଯୁକ୍ତଙ୍କୁ ଧରି ନ ପାରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବନ୍ଧୁକ କାରଖାନା ଠାବ, ବଡ଼ଧରଣର ଜୁଆଆଡ୍ଡା ଉପରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉଥିବା ଗୁଣପୁର ପୋଲିସ ଏହି ଘଟଣାରେ କିପରି ସଫଳ ହେଉନି ବୋଲି ପ୍ରଶ୍ନ ଉଠିଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରି ଗ୍ରାମଦେବୀଙ୍କ ଅଳଙ୍କାର ଉଦ୍ଧାର କରିବା ପାଇଁ ଦାବି ହେଉଛି। ଏ ନେଇ ଘଟଣାର ତଦନ୍ତକାରୀ ପୋଲିସ ଅଧିକାରୀ ସୁଶାନ୍ତ ବେହେରାଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି ବୋଲି କହିଛନ୍ତି।



ମାଁ ଗ୍ରାମଦେବୀ

## ପ୍ଲାଷ୍ଟିକ ପାଣି ଟବ୍‌ରେ ପଡ଼ି ୯ ମାସର ଶିଶୁ ମୃତ

ନବରଙ୍ଗପୁର,୪।୧୦(ବି.ପ୍ର.)

ଖେଳୁଥିଲେ ଭାଇ ଭଉଣୀ। କିନ୍ତୁ ଛପି ବସିଥିଲା ମୃତ୍ୟୁ। ଖେଳିବାବେଳେ ଏକ ପ୍ଲାଷ୍ଟିକ ପାଣି କୁଣ୍ଡରେ ପଡ଼ିଯିବାରୁ ଜଣେ ୯ମାସର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଥାନା ଅଧୀନ ବଡ଼ତାଇଭଙ୍ଗା ଗ୍ରାମର ଯୁଗଳ ଭତରାଙ୍କ ପୁଅ ବାବୁଲା। ସୂଚନାନୁଯାୟୀ, ଯୁଗଳ ଆନ୍ଧ୍ରରେ ଦାଦନ ଶ୍ରମିକଭାବେ କାମ କରନ୍ତି। ଘରେ ତାଙ୍କ ସ୍ତ୍ରୀ ଶୁକଦେଈ ୯ ମାସର ପୁଅ ବାବୁଲା ଓ ୬ ବର୍ଷର ଝିଅ ରୁହନ୍ତି। ବାବୁଲା ଓ ତାଙ୍କ ବଡ଼ ଭଉଣୀ ସୋମବାର ସକାଳେ ଘର ବାହାରେ ଖେଳୁଥିଲେ। ଏହି ସମୟରେ ଶୁକଦେଈ ଶୌଚ ହେବାକୁ ଯାଇଥିଲେ। ବାବୁଲା ଘର ବାହାରେ ଥିବା ପ୍ଲାଷ୍ଟିକ ପାଣି ଟବ୍ ପାଖରେ ପହଞ୍ଚି ଖେଳୁଥିବାବେଳେ ତା’ ଭିତରରେ ପଡ଼ିଯାଇଥିଲେ। ଶୌଚ ସାରି ଶୁକଦେଈ ତାଙ୍କୁ ଖୋଜିଲାବେଳେ ସେ ପାଣି ଟବ୍‌ରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନବରଙ୍ଗପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ନବରଙ୍ଗପୁର ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ଟେଟେ କହିଛନ୍ତି।

## ୨ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୪।୧୦

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଣିଥରେ ୨ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୧୧୮ ଛୁଇଁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ସୋମବାର ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପାଲି ଗ୍ରାମର ୧୫ବର୍ଷର ନାବାଳକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ଭାଲିଆଗଡ଼ ଗ୍ରାମର ଜଣେ ୩୦ବର୍ଷର ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଦିନକୁ ଦିନ ଡେଙ୍ଗୁରୋଗୀ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଏବେ ଏନେଇ ଭୟ ଘାରିଛି। ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି।

# ବଂଶଧାରା ଜଳ ବିବାଦ ପ୍ରସଙ୍ଗରେ ଆଲୋଚନା



ଆଲୋଚନାରେ ପଦ୍ମଶ୍ରୀ ଶାନ୍ତି ଦେବୀ, ନାଗରିକ ମହାମଞ୍ଚର ସଭାପତି ଓ ବଂଶଧାରା ସୁରକ୍ଷା ସମିତିର ସଦସ୍ୟମାନେ ।

**ଓଡ଼ିଶା ନାଗରିକ ମହାମଞ୍ଚର ସଭାପତିଙ୍କ ଗୁଣପୁର ଗସ୍ତ**

ଗୁଣପୁର,୪।୧୦(ଡି.ଏନ୍.ଏ)

ଓଡ଼ିଶା ନାଗରିକ ମହାମଞ୍ଚର ସଭାପତି ପ୍ରଦ୍ୟୁମ୍ନ ଶତପଥୀ ରାୟଗଡ଼ା ଜିଲା ଗୁଣପୁର ଗସ୍ତରେ ଆସି ଶନିବାର ସନ୍ଧ୍ୟାରେ ବାଇପାସ ଛକଠାରେ ସିପିଆଇ(ଏମ୍) ନେତା ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ସେବା ସମାଜ ପରିସରରେ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଉପସ୍ଥିତିରେ ବଂଶଧାରା ନଦୀ ଜଳ ଆବଣ୍ଟନ ବିବାଦ ସମ୍ପର୍କରେ ଗୁଣପୁର ବଂଶଧାରା ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବଂଶଧାରା ସୁରକ୍ଷା ସମିତିର ସଭାପତି ଅକ୍ଷୟ ଦାସ ସମିତି ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ସରକାର ଶୀଘ୍ର ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ତାହା ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ନେବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବଂଶଧାରା, ଗୁଣପୁର ମାଟିର ବିକାଶ ପାଇଁ ସମସ୍ତେ ଏକ ମନ ହୋଇ ଉଦ୍ୟମ କରନ୍ତୁ ଓଡ଼ିଶା ନାଗରିକ ମହାମଞ୍ଚ ସମର୍ଥନ କରିବ ବୋଲି ଶତପଥୀ ଏଠାରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ନାଗରିକ ମହାମଞ୍ଚର ସଭାପତିଙ୍କ ସମେତ ଉତ୍କଳ ପୂର୍ଣ୍ଣାଙ୍ଗ ନ୍ୟାସ ମଣ୍ଡଳୀ ସଭାପତି ସୀତା ବଲ୍ଲଭ ମହାପାତ୍ର, ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ବିଜୟ ପରିଡା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସମର୍ପିତ ସଦସ୍ୟ ମୁରଲୀଧର, ଯୁବ ଖବରଦାତା ଚିରଞ୍ଜିବୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଂଶଧାରା ସୁରକ୍ଷା ସମିତି ପକ୍ଷରୁ ଅକ୍ଷୟ ଦାସ, ଉମା ପ୍ରସାଦ ଦାସ, ଅଶୋକ ରଥ, ରମେଶ ଲିମା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ଉପସ୍ଥିତ ଥିଲେ।

## ମାଥିଲିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀଙ୍କ ଅଦାଲତ ଉଦ୍‌ଘାଟିତ



କୋର୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀମାନେ।

ମାଲକାନଗିରି,୪।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହକୁମାରେ ସୋମବାର ନୂତନ ସିଭିଲ ଜଜ୍ (ଜୁନିୟର ଡିଭିଜନ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଦାଲତ ଉଦ୍‌ଘାଟିତ ହୋଇଛି। ଏହାକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ.ଏସ.ମୁରଲୀଧର ଭାର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଡ.ମୁରଲୀଧର କହିଥିଲେ ଯେ, ମାଲକାନଗିରି ଭଳି ଉପାନ୍ତ ଜିଲାର ମାଥିଲିଠାରେ ନୂତନ କୋର୍ଟ ପ୍ରତିଷ୍ଠା ଦ୍ୱାରା ନ୍ୟାୟ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ମକଦ୍ଦମାରେ ଜଡ଼ିତ ବ୍ୟକ୍ତି ବିଶେଷମାନେ ସୁବିଧା ପାଇବା ସହ ମାମଲାଗୁଡ଼ିକ ଶୀଘ୍ର ଫଇସଲା ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ହାଇକୋର୍ଟ ବିଚାରପତି ଏସ.କେ. ପାଣିଗ୍ରାହୀ କହିଲେ, ମାମଲା ନେଇ ପୂର୍ବରୁ ମହକିଲମାନଙ୍କୁ ମାଲକାନଗିରି ଯିବାକୁ ପଡୁଥିଲା। ବର୍ତ୍ତମାନ ଏହି ନୂତନ କୋର୍ଟ ପ୍ରତିଷ୍ଠା ଦ୍ୱାରା ସେମାନଙ୍କୁ ଆଉ ମାଲକାନଗିରି ଯିବାକୁ ପଡିବ ନାହିଁ। ସେମାନେ ମାଥିଲିରେ ହିଁ ନ୍ୟାୟ ପାଇପାରିବେ ବୋଲି କହିଥିଲେ। ଜିଲା ଓ ଦୌରା ଜଜ୍ କୁମାରୀ ରେଖା ପ୍ରସାଦ ସ୍ୱାଗତ ସୂଚନା ଦେଇଥିଲେ। ଜିଲା ବାର ଆସୋସିଏଶନ ସଭାପତି ପ୍ରଭାକର ପ୍ରଧାନ ଏହି କୋର୍ଟ ପ୍ରତିଷ୍ଠା ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ବାର ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଦଣ୍ଡାଧିକାରୀ ବିଶ୍ୱ ରଞ୍ଜନ ବେହେରା, ରେଜିଷ୍ଟ୍ରାର କୃଷ୍ଣ ଚନ୍ଦ୍ର ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରାକେଶ କୁମାର ମୁଦୁଲି, ମାଥିଲି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୌରବ ପୁରୋହିତ, କୋର୍ଟ ପରିଚାଳକ ପ୍ରଣବ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଜାଲ ଜାତିଗତ ପ୍ରମାଣପତ୍ରରେ ଶିକ୍ଷକତା ଅଭିଯୋଗ

କୋଡ଼ିଙ୍ଗା,୪।୧୦(ଡି.ଏନ୍.ଏ.)

ଜାଲ ଜାତିଗତ ପ୍ରମାଣପତ୍ର ଦର୍ଶାଇ ଜଣେ ଶିକ୍ଷୟିତ୍ରୀ ଶିକ୍ଷକତା କରୁଥିବା ଅଭିଯୋଗରେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଜନଜାତି ସୁରକ୍ଷା ମଞ୍ଚ ଓ ଆଟିଗାଁ ପଞ୍ଚାୟତର ଗୋଟିବେଡ଼ା ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟରତ କୋଷାଗୁମୁଡ଼ା ବ୍ଲକ ଆଟିଗାଁ ପଞ୍ଚାୟତ ଗୋଟିବେଡ଼ା ଗ୍ରାମର ଅମିତା ଭତରା ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜନଜାତି ସୁରକ୍ଷା ମଞ୍ଚ ଦାବି କରିଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ଅମିତା ଭତରା ନିଜ ବାପାଙ୍କ ନାମ ସନାଧର ମାଝି ଏବଂ ମା’ଙ୍କ ନାମ ସନମତି ମାଝି ଦର୍ଶାଇ କୋଡ଼ିଙ୍ଗା ତହସିଲ କାର୍ଯ୍ୟାଳୟରୁ ପ୍ରମାଣପତ୍ର ପାଇଛନ୍ତି। ତେବେ ପ୍ରକୃତରେ ସନାଧର ମାଝିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କର ୪ ପୁଅ ଏବଂ କଳାବତୀ ମାଝି ନାମରେ ଗୋଟିଏ ଝିଅ ରହିଛନ୍ତି। ଅମିତା ନାମରେ କୌଣସି ଝିଅ ନ ଥିବା ଜଣାପଡ଼ିଛି। ଅମିତା ମିଥ୍ୟା ତଥ୍ୟ ଏବଂ ଜାତି ଦର୍ଶାଇ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ନବରଙ୍ଗପୁରର ଜିଲା ସମ୍ପାଦକ ଜୟରାମ ଭତରା, ଜନଜାତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ ରତନ ମାଝି, ରଘୁ ଭତରା, ଶିବ ମାଝି, ରଘୁ ଭତରା, ବିକ୍ରମ ମାଝି ପ୍ରମୁଖ ଦାବି କରିଛନ୍ତି।



ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି ।

# ହତ୍ୟା ମାମଲାରେ ଗିରଫ ଦାବି କଲା ଏଆଇକେଏମ୍‌ଏସ୍

**ଉତ୍ତର ପ୍ରଦେଶ ହିଂସାକାଣ୍ଡରେ କୃଷକଙ୍କ ମୃତ୍ୟୁ ଘଟଣା**

ଗୁଣପୁର,୪।୧୦(ଡି.ଏନ୍.ଏ.)

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲାରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ରବିବାର ଗାଡ଼ି ମାଡ଼ିଯାଇ ୨ କୃଷକଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତି ହିଂସାକାଣ୍ଡରେ ଆଉ ୬ କୃଷକଙ୍କ ମୃତ୍ୟୁ ଘଟିଥିଲ। ଏହାର ପ୍ରତିବାଦରେ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ରାୟଗଡ଼ା ଜିଲାର ଗୁଣପୁରଠାରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି (ଏଆଇକେଏମ୍‌ଏସ୍) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇକେଏମ୍‌ଏସ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ରାଜେନ୍ଦ୍ର ପ୍ରସାଦ ଚୌଧୁରିଙ୍କୁ ଦାବିପତ୍ର ଦିଆଯାଇଛି। ଖେରି ନରସଂହାର ଘଟଣାର ଅପରାଧିଙ୍କୁ ଗିରଫ କରିବା, ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଉ ଏବଂ ମୃତ କୃଷକମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ, ସାମ୍ବିଧାନିକ ପଦ ପଦବୀରେ ରହି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ଦେଶର କୃଷକ ମାନଙ୍କ ଉପରେ ଆକ୍ରମଣ ଓ ହିଂସା କରିବାକୁ ଖୋଲାଖୋଲି ଭାବେ ଆହ୍ୱାନ ଦେଇଥିବା ହରିୟାନା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ପଦବୀରୁ ବହିଷ୍କାର କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।




ଏଆଇକେଏମ୍‌ଏସ୍ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

**ସଂକ୍ଷେପରେ...**

## ପୋଖରୀରେ ବୁଡି ବୃଦ୍ଧ ମୃତ

ତେନ୍ତୁଳିଖୁଣ୍ଟି, ୪।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ପରାଜାକାମତାସ୍ଥିତ ଏକ ପୋଖରୀରେ ବୁଡି ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁବାସ ନାଗ (୬୦)। ସୂଚନାନୁଯାୟୀ, ସୁବାସ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। କିନ୍ତୁ ସେ ଆଉ ସେଠାରୁ ଫେରି ନ ଥିଲେ। ପରିବାର ଲୋକେ ଓ ଗ୍ରାମାବାସୀ ତାଙ୍କୁ ଖୋଜିବାବେଳେ ସୁବାସଙ୍କ ମୃତଦେହ ପୋଖରୀରୁ ଭାସମାନ ଅବସ୍ଥାରେ ମିଳିଥିଲା। କାମତା ଫାଣ୍ଡି ପୋଲିସ ଖବରପାଇ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରମୋଦ କୁମାର ନାୟକଙ୍କୁ ଅବଗତ କରିଥିଲେ। ଥାନାଧିକାରୀ ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିଜେଡିର ମିଶ୍ରଣ ପର୍ବ



ନନ୍ଦାହାଣ୍ଡି, ୪।୧୦(ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗ୍ରାମର ନୂତନ ହାଟ ପଡିଆରେ ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଏମ୍‌ପି ରମେଶ ମାଝି, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅର୍ଜୁନ ତ୍ରିପାଠୀ, ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ଜିଲା ମହିଳା ମୋର୍ଚ୍ଚା ସଭାପତି ମଞ୍ଜୁଳା ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସୁନୀଲ ସାହୁ , ବ୍ଲକ ବିଜେଡି ସଭାପତି ଦୟାନିଧି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଦଳକୁ ସୁଦୃଢ଼ କରିବା ସହ ଏକମନା ହୋଇ କାମ କରିବାକୁ ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ଅନେକ କର୍ମୀ ବିଜେଡିର ମିଶିଛନ୍ତି। ନୂତନ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରାଯାଇଛି।

## ଘରଦେଇ ଯାଇଥିବା ୧୧ କେଭି ତାର ହଟାଇବା ଦାବି

ରାଇଘର, ୪।୧୦(ଡି.ଏନ୍.ଏ.)- ରାଇଘର ଅଞ୍ଚଳରେ ଅନେକ ସ୍ଥାନରେ ବିପଦପୂର୍ଣ୍ଣ ଅବସ୍ଥାରେ ୧୧ କେଭି ତାର ରହିଛି। ଏହି ତାର ଛିଣ୍ଡି ଅନେକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେଣୁ ଉକ୍ତ ତାରକୁ ହଟାଇବାକୁ ଦାବି ହେଉଛି। ଆଇଟିଡିଏ କଲୋନୀ ମଧ ଦେଇ କୋଦଭାଟା ରୋଡ଼ ସାଇଡ଼ରେ ଥିବା ତ୍ରିନାଥ ମନ୍ଦିର ଉପରେ ଦେଇ ଯାଇଥିବା ୧୧କେଭି ତାରକୁ ହଟାଇବାକୁ ଦାବି ହେଉଛି। କିଛିଦିନ ତଳେ ସଟ୍‌ସର୍କିଟରେ ଉକ୍ତ କଲୋନୀ ନିକଟରେ ଥିବା ପୋଲିସ କ୍ୟାମ୍ପର ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଲୋକେ ଏବେ ଡରରେ। ରାଇଘରସ୍ଥିତ ବିଦ୍ୟୁତ୍ କଣ୍ଟ୍ରୋଲ ରୁମ୍ ପାଖରେ ମେଡିକାଲ କଲୋନୀ ରହିଛି। ଏଠାରେ ଥିବା ତାରରୁ ଅନେକ ସମୟରେ ନିଆଁ ବାହାରୁଛି। ବିଭାଗୀୟ ଅଧିକାରୀ ଏହା ଉପରେ ଗୁରୁତ୍ୱ ଦେଇ ଉକ୍ତ ତାର ପରିବର୍ତ୍ତନ ଓ ହଟାଇବାକୁ ଲୋକେ ଦାବି କରିଛନ୍ତି। ରାଇଘର ଅଞ୍ଚଳରେ ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଘର ଉପରେ ଯାଇଛି। ସେସବୁ ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ରାଇଘର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଚୌଧୁରୀଙ୍କୁ ପଚାରିବାରୁ ଏ ଦିଗରେ ପଦକ୍ଷେପ ନିଆଯିବ। ଘର ଉପରେ ତାର ଯାଇନାହିଁ। ଲୋକେ ତାର ତଳେ ଘର ନିର୍ମାଣ କରିଛନ୍ତି। ଉକ୍ତ ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ କରି ଯାଞ୍ଚ କରିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଚାକିରି ନିୟମିତ ନ କଲେ ଆନ୍ଦୋଳନ ହେବ

### ଜିଲାପାଳଙ୍କ ଅଫିସ ଆଗରେ ବହୁଭାଷା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିକ୍ଷୋଭ

ନବରଙ୍ଗପୁର,୪।୧୦(ବି.ପ୍ର.)

ଚାକିରି କାଳକୁ ବିତିଗଲାଣି ୮ ବର୍ଷ। କିନ୍ତୁ ଏବେବି ବହୁଭାଷା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଚାକିରି ନିୟମିତ ହୋଇ ନ ଥିବାରୁ ସୋମବାର ନବରଙ୍ଗପୁର ଜିଲା ବହୁଭାଷୀ କନିଷ୍ଠ ଶିକ୍ଷକ ସଂଘ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ନିୟମିତ କରା ନ ଗଲେ ବାଧହୋଇ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ନବରଙ୍ଗପୁର ଜିଲା ବହୁଭାଷୀ କନିଷ୍ଠ ଶିକ୍ଷକ ସଂଘ ସଦସ୍ୟମାନେ ସ୍ଥାନୀୟ ସର୍କିଟ ହାଉସ ପଡ଼ିଆରେ




ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଦାବିପତ୍ର ଗ୍ରହଣ କରୁଛନ୍ତି।

ଏକତ୍ରିତ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଜିଲାପାଳଙ୍କ ଅଫିସ ବାହାରେ ବିକ୍ଷୋଭ ପ୍ରଦର୍ଶନକରି ଦାବିପତ୍ର ଦେଇଥିଲେ। ଜିଲାର ଆଦିବାସୀ ଓ ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ଯାଇ ରାଜ୍ୟ ସରକାର ଗଣଶିକ୍ଷା ବିଭାଗ ଅଧୀନରେ ୨୦୧୩/୧୪ରେ ବହୁଭାଷୀ କାର୍ଯ୍ୟକ୍ରମରେ ୧୪୬ଜଣଙ୍କୁ ଶିକ୍ଷା ସହାୟକ ନିଯୁକ୍ତି ଦେଇଥିଲେ।

ନିୟମାନୁଯାୟୀ ଚାକିରିର ୬ବର୍ଷ ପରେ ଶିକ୍ଷା ସହାୟକଙ୍କୁ ନିୟମିତ କରାଯାଏ। କିନ୍ତୁ ୮ବର୍ଷ ପରେ ଉକ୍ତ ଶିକ୍ଷକମାନଙ୍କୁ ନିୟମିତ କରାଯାଇନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏପରି ମହଙ୍ଗା ସମୟରେ ମାସିକ ମାତ୍ର ୮୦୯୬ ଟଙ୍କା ଦରମା ମିଳୁଛି। ଏଥିଯୋଗୁ ଶିକ୍ଷକମାନେ ମାନସିକ ଚାପରେ ରହୁଛନ୍ତି। ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ସରକାର ସେମାନଙ୍କ ଦାବି ପୂରଣ କରନ୍ତୁ, ନଚେତ୍ ଆନ୍ଦୋଳନ ହେବ ବୋଲି ସଂଘ ସଭାପତି ସୋମନାଥ ଚାଲାଣ କହିଛନ୍ତି।

## କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା



କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ କର୍ମୀ ଓ ସ୍ଥାନୀୟ ଲୋକେ ।

### ଅଭିନନ୍ଦନ ଜଣାଇଲେ ଜିଲାପାଳ, ଡିଆର୍‌ଡିଏ ପିଡି

ତେନ୍ତୁଳିଖୁଣ୍ଟି, ୪।୧୦(ଡି.ଏନ୍.ଏ.)

କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଧାରଣାରତ ଚାଷୀଙ୍କ ଉପରେ ଭାଜପାର ଜଣେ ମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢ଼ାଇ ଦେବାରୁ ୮ ଜଣଙ୍କ ମୃତ୍ୟୁ ହୋଇଛି। ମୃତଚାଷୀଙ୍କୁ ଭେଟିବାକୁ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଅଟକ ରଖିଛି ଉତ୍ତରପ୍ରଦେଶ ପୋଲିସ। ଏହି ଘଟଣାକୁ ନିନ୍ଦା କରିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ। ଚାଷୀଙ୍କ ଆତ୍ମାର ସଦ୍‌ଗତି ତଥା ପୋଲିସର ଅମାନୁଷିକ କାର୍ଯ୍ୟ ପ୍ରତିବାଦରେ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରାଯାଇଛି। ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ଭୀମସେନ ପାଣିଗ୍ରାହୀ, ସୁନୀଲ ସିଂ, କିଶୋର ସିଂ, ବସନ୍ତ ପାଣିଗ୍ରାହୀ, ବାରିଜ ପଟ୍ଟନାୟକ, ଚିଦାନନ୍ଦ ସାହୁ, କୁମାର ପୂଜାରୀ, ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ, ପି. ନାଗରତ୍ନମ୍, ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଦିଲ୍ଲୀ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଥର ବ୍ଲାଷ୍ଟିଂ କାମ ବନ୍ଦ କରିବାକୁ ଦାବିକଲେ ଗ୍ରାମବାସୀ

ପାପଡାହାଣ୍ଡି/ମଇଦଲପୁର, ୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଉସିଗାଁ ଓ ଦିଶାରୀଗୁଡ଼ା ଗ୍ରାମରେ ଥିବା ପଥର କ୍ୱାରି ବ୍ଲାଷ୍ଟିଂକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର କାମ ବନ୍ଦ କରିବାକୁ ଦିଶାରୀଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଥର ବ୍ଲାଷ୍ଟିଂ ପାଇଁ ଲିଜ୍ ନେଇଥିବା କର୍ମଚାରୀଙ୍କୁ ଗ୍ରାମବାସୀ କାମ କରାଇ ଦେଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ବ୍ଲାଷ୍ଟିଂ ଦ୍ୱାରା ଛୋଟଛୋଟ ପଥର ଗାଁ ଭିତରକୁ ଛିଟିକି ପଡୁଛି। ବ୍ଲାଷ୍ଟିଂରୁ ବାହାରୁଥିବା ପଥରଗୁଣ୍ଡ ଯୋଗୁ ଆଖପାଖ ଜମି ଓ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି ବୋଲି ଦିଶାରୀଗୁଡାର ହରିଶ୍ଚନ୍ଦ୍ର ସରାବୁ, ଚୈତନ ଗୌଡ଼, ନିତ୍ୟା ଗୌଡ଼, ରୁପା ଗୌଡ଼, ବୈଶାଖୀ ମାଝି, ସମତି



ପଥର ବ୍ଲାଷ୍ଟିଂ କାମକୁ ବିରୋଧ କରୁଥିବା ଗ୍ରାମବାସୀ।

ଗୌଡ଼, ଗୋରି ଗାଦବା, ସୁଲୋଚନା ଗୌଡ଼, ଟୁନି ନାୟକ, ନୀଳାମ୍ବର ଗୌଡ଼, ଯୁଧିଷ୍ଠିର ଗୌଡ଼ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି କ୍ୱାରିକୁ ବେକବନ ନାମକ କମ୍ପାନୀ ଲିଜ୍ ନେଇଥିଲା। ଉକ୍ତ କମ୍ପାନୀ ଏଠାରେ ୪ବର୍ଷ କାମ କରିଛି। ସେ ସମୟରେ ପଥରଗୁଣ୍ଡ ଯୋଗୁ ଜମି ନଷ୍ଟ ହୋଇଛି। ବ୍ଲାଷ୍ଟିଂବେଳେ ଘରଦ୍ୱାର ମଧ୍ୟ ଭାଙ୍ଗିଛି। ଆଜି ଆମ କମ୍ପାନୀ କାମ ଆରମ୍ଭ କରିଥା'ନ୍ତା। କିନ୍ତୁ ଗ୍ରାମବାସୀ କରାଇ ଦେଲେନାହିଁ ବୋଲି କମ୍ପାନୀ ମାଲିକ ହର୍ଷ ବେହେରା କହିଛନ୍ତି।

## ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ତେନ୍ତୁଳିଖୁଣ୍ଟି, ୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତରେ ମଧ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଜିଲା ସଭାପତି ଅର୍ଜୁନ ତ୍ରିପାଠୀ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ଦେବକୀ ନାୟକ, ପଞ୍ଚାୟତ ସମିତି ଉପାଧକ୍ଷ ତନୟ ସାଗର ନାୟକ, ଜିଲା ସମ୍ପାଦକ ସୁଧୀର ଖୁରା, ପୂର୍ବତନ ବ୍ଲକ ସଭାପତି ମୃତ୍ୟୁଞ୍ଜୟ ସିଂ, ଅଞ୍ଚଳଗୁମା ସରପଞ୍ଚ ସୂର୍ଯ୍ୟ ରନ୍ଧାରି, ନନ୍ଦାହାଣ୍ଡି ବ୍ଲକ ସଭାପତି ଦୟାନିଧି ବିଷୋୟୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ଭାଜପା ଯୁବନେତା ରତିକାନ୍ତ ପଣ୍ଡା ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ବିଜେଡି ନେତା ପ୍ରଫୁଲ୍ଲ ନାଗ ଓ ଲଛମନ ମାଝିଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ କରାଯାଇଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର, ଜିନିଷପତ୍ର



ଜଳି ଯାଇଥିବା ଘର ।

ପାପଡାହାଣ୍ଡି,୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଡଙ୍ଗରିଗୁଡା ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟି ରଇନୁ ମିର୍ଗାନଙ୍କ ଗୋଟିଏ ଘର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ରୋଷେଇ କଲାବେଳେ ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ସୋମବାର ସକାଳୁ ରଇନୁଙ୍କ ସ୍ତ୍ରୀ ହାରବତି ରୋଷେଇ କରିବାବେଳେ ଗ୍ୟାସ ପାଇପ୍‌ରେ ନିଆଁ ଲାଗିଥିଲା। ସମସ୍ତେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ଏହାର କିଛି ସମୟ ପରେ ଗ୍ୟାସ୍ ସିଲିଣ୍ଡରଟି ଫାଟିଥିଲା। ଏଥିରେ ଘରର ଛାତ ଉଡ଼ିଯିବା ସହ ସମସ୍ତ ଆସବାବପତ୍ର ସହ ନଗଦ ୧୫ ହଜାର ଟଙ୍କା, ସାଇକେଲ ଓ ମେଶିନ ଆଦି ପୋଡ଼ିଯାଇଛି। ଖବରପାଇ ପାପଡ଼ାହାଣ୍ଡି ଅଗ୍ନିଶମ ଗାଡି ପହଞ୍ଚିଥିଲ। ମୋକିଆ ଆର୍‌ଆଇ ଦୋହଣା ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ରୋଗୀଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା, ମାଗଣାରେ ଔଷଧ

### ଖୋଲିଲା ନୂତନ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ନବରଙ୍ଗପୁର,୪।୧୦(ବି.ପ୍ର.)

କେନ୍ଦ୍ର ସରକାରଙ୍କ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପିତ ହୋଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ନବରଙ୍ଗପୁର ପୌରାଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଅତିଥି କହିଛନ୍ତି।

ଏଠାରେ ଜଣେ ଡାକ୍ତର, ୨ଜଣ ଷ୍ଟାଫ୍‌ନର୍ସ, ଜଣେ ଫାର୍ମାସିଷ୍ଟ, ଜଣେ ଆଟେଣ୍ଡାଣ୍ଟ ରହିବେ। ଏଠାରେ ଜ୍ୱର, କାଶ, ଉଚ୍ଚ ରକ୍ତଚାପ, ମଧୁମେହ ସହ ବିଭିନ୍ନ ଅଣସଂକ୍ରାମକ ରୋଗର ସହଜ ଓ ସୁବିଧାରେ ଚିକିତ୍ସା ହୋଇପାରିବ। ଏହି କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ସୁବିଧା ସହ ବିଭିନ୍ନ ରୋଗ ପାଇଁ ଔଷଧ ବିନା ମୂଲ୍ୟରେ ରୋଗୀଙ୍କୁ ମିଳିବ। ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପାଇଁ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀ ଓ ୬ଜଣ ଆଶା କର୍ମୀ ଏହି କେନ୍ଦ୍ର ଜରିଆରେ କାର୍ଯ୍ୟ କରିବେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧକ୍ଷା, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଦିଲୁ ପଣ୍ଡା, ପୂର୍ବତନ ନଗରପାଳ ପ୍ରହଲ୍ଲାଦ ତ୍ରିପାଠୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଭାରତମାଳା ସୁପର୍‌ଫାଷ୍ଟରେ ନୂତନ ପ୍ରବେଶ ପ୍ରସ୍ଥାନ ପଥ

ନବରଙ୍ଗପୁର, ୪।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ଦେଇ ଯାଉଥିବା ବିଶାଖାପାଟଣା-ରାୟପୁର ଭାରତମାଳା ସୁପର୍‌ଫାଷ୍ଟର ନୂତନ ପ୍ରବେଶ ପ୍ରସ୍ଥାନ ପଥ ରହିଛି। ନବରଙ୍ଗପୁର, ଡାବୁଗାଁ ଓ ଧୋଡ୍ରାରେ ଏହି ପ୍ରବେଶ ପ୍ରସ୍ଥାନ ପଥ ରହିବ। ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ଅନୁରୋଧକୁ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନିତିନ ଗଡକରୀ ଗ୍ରହଣ କରିଛନ୍ତି। ଏ ନେଇ ବଳଭଦ୍ର ମାଝି ଖବର ଦେଇଛନ୍ତି। ଭାରତମାଳା ରାଜପଥ ନବରଙ୍ଗପୁର, ପାପଡାହାଣ୍ଡି, ଡାବୁଗାଁ, ଧୋଡ୍ରା, ଉମରକୋଟ, ରାଇଘର ଦେଇ ରାୟପୁରକୁ ଯିବ। ତେବେ ପୂର୍ବରୁ କେବଳ ରାଇଘର, ଉମରକୋଟ ଓ ପାପଡାହାଣ୍ଡିଠାରେ ହିଁ ପ୍ରବେଶ ଓ ପ୍ରସ୍ଥାନ ପଥ କରିବା ପାଇଁ ଯୋଜନା କାର୍ଯ୍ୟକାରୀ ହହୋଇଥିଲା। ସହରର ଏହି ୩ ଟି ସ୍ଥାନରେ ପ୍ରବେଶ ପଥ ରଖିବା ପାଇଁ ପୂର୍ବତନ ଏମପି ବଳଭଦ୍ର ମାଝି କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ। ତାଙ୍କ ଅନୁରୋଧ ରକ୍ଷା କରିଥିବାରୁ ସେ ମନ୍ତ୍ରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂଆ ରୂପରେ ନୂତନ ସରକାରୀ ପାନାବେଡା ହାଇସ୍କୁଲ



ଚନ୍ଦାହାଣ୍ଡି, ୪।୧୦(ଡି.ଏନ୍.ଏ.)

ସରକାରଙ୍କ ୫-ଟି ଓ ମୋ ସ୍କୁଲ କାର୍ଯ୍ୟକ୍ରମ ଅଧୀନରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର ନୂତନ ସରକାରୀ ପାନାବେଡା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାମ ଚାଲିଛି। ଏହି ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରାଯାଇଛି। ନଭେମ୍ବର ୧୪ରେ ୫ଟି ସଚିବ ଉକ୍ତ ସ୍କୁଲ୍ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି । ଏଠାରେ ଛାତ୍ରୀଛାତ୍ରଙ୍କୁ ଘରୋଇ ସ୍କୁଲର ସୁବିଧା ମିଳିବ ବୋଲି ବିଡିଓ ଧର୍ମରାଜ ମାଝି କହିଛନ୍ତି। ବିଦ୍ୟାଳୟର ଆକର୍ଷଣୀୟ ମୁଖ୍ୟ ଫାଟକ, ସ୍ମାର୍ଟ କ୍ଲାସ୍‌ରୁମ, ଇ-ଲାଇବ୍ରେରୀ, ଲାବୋରେଟେରୀ, ଖେଳ ପଡିଆ, ସାଂସ୍କୃତିକ ମଣ୍ଡପ, ବଗିଚା, ସ୍ୱଚ୍ଛପରିବେଶ, ଆଲୋକ ସାଜସଜ୍ଜା, ସ୍କୁଲ କାନ୍ଥରେ ଆକର୍ଷଣୀୟ ଚିତ୍ର ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଓ ମନୋବଳକୁ ବଢାଇବାରେ ସହାୟକ ହେବ ବୋଲି ପ୍ରଧାନ ଶିକ୍ଷକ ଶରତ କୁମାର ମାଝି କହିଛନ୍ତି।

# ୧୬୮ ପ୍ରାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ

ଚନ୍ଦାହାଣ୍ଡି, ୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ୧୩ଟି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ପାଇଁ ସୋମବାର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ପ୍ରାର୍ଥୀଙ୍କ ଆବେଦନ ପତ୍ର ଯାଞ୍ଚ କରାଯାଇଛି। ୧୬୮ ଜଣ ପ୍ରାର୍ଥୀଙ୍କୁ ଡକାଯାଇ ସେମାନଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୌରେନ୍ଦ୍ରୀ ମହାନନ୍ଦ କହିଛନ୍ତି। ପ୍ରମାଣପତ୍ର ଯାଞ୍ଚବେଳେ ବିଡିଓ ଧର୍ମରାଜ ମାଝି, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ଢାଲି, ପରିଦର୍ଶିକା ସୌଦାମିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଆଦିବାସୀ, ପରେ ଦଳିତ ପ୍ରାର୍ଥୀଙ୍କୁ ମେରିଟ ହିସାବରେ ଚୟନ କରାଯିବ। ଆବେଦନ କରିଥିବା କେନ୍ଦ୍ରରେ ଆଦିବାସୀ କିମ୍ବା ଦଳିତ ପ୍ରାର୍ଥୀ ନ ଥିଲେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମେରିଟ ଏବଂ ସରକାରଙ୍କ ଅଙ୍ଗନୱାଡି ନିଯୁକ୍ତି ଗାଇଡଲାଇନ୍ ଅନୁସାରେ ଚୟନ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶଥାଉ କି ଚନ୍ଦାହାଣ୍ଡି ବ୍ଲକର ଗମ୍ଭାରୀଗୁଡା ୧ନଂ କେନ୍ଦ୍ର, ଧୋଡିପାଣି ପଞ୍ଚାୟତ ଫଟାମୁଣ୍ଡା ଏବଂ ଜମାଦାରପଡା ପଞ୍ଚାୟତ କୋନ୍ଦିଓଡା କେନ୍ଦ୍ରର କର୍ମୀ ଅବସର ନେଇଛନ୍ତି। ସେଠାରେ ପଦବୀ ଖାଲି ରହିଛି। ସେ ସବୁ ସ୍ଥାନ ସହ ୧୦ଟି ନୂତନ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ କରିବାକୁ ଶିଶୁ ବିକାଶ କାର୍ଯ୍ୟାଳୟର ବିଜ୍ଞାପନ ନଂ.୪୧୬ ଅନୁଯାୟୀ ୧୬ ସେପ୍ଟେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୬୮ଜଣ ବିଭିନ୍ନ ବର୍ଗର ପ୍ରାର୍ଥୀ ଅନ୍‌ଲାଇନରେ ଆବେଦନ କରିଥିଲେ। ସମସ୍ତ ବର୍ଗର ପ୍ରାର୍ଥୀଙ୍କୁ ସମାନ ଅଧିକାର ଦେବା ସହ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଆଶାୟୀ ଓ ତାଙ୍କ ସମ୍ପର୍କୀୟମାନେ।

# ଚାହିଦା ରହିଛି, ବେପାର ବଢୁଛି

### ଆଦିବାସୀଙ୍କୁ ରୋଜଗାର ଦେଉଛି କରଡ଼ି

ଉମରକୋଟ, ୪।୧୦(ସ୍ୱ.ପ୍ର.)

ଜିଲାର ଆଦିବାସୀମାନେ ଋତୁ ଅନୁଯାୟୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି। ଏହି ଜଙ୍ଗଲ ଜାତ ଖାଦ୍ୟ ସାମଗ୍ରୀକୁ ନେଇ ବଜାର, ହାଟଗୁଡ଼ିକରେ ବିକ୍ରିକରି ବେଶ୍ କିଛି ଟଙ୍କା ରୋଜଗାର କରନ୍ତି। ଯେଉଁ ରୋଜଗାର କରନ୍ତି ସେହି ଟଙ୍କାରେ ଘରର ତେଲଲୁଣ ଖର୍ଚ୍ଚ ଉଠିଯାଏ। ଏବେ ବର୍ଷା ସମୟରେ ଆଦିବାସୀଙ୍କର ବାଉଁଶ କରଡ଼ି ବେପାର ବେଶ୍ ଜମୁଛି। ବଜାରରେ ଏହି କରଡିର ଚାହିଦା ମଧ ରହିଛି। ତେଣୁ ଦିନକୁ ଭଲ ୨ ପଇସା ସେମାନଙ୍କ ହାତକୁ ଆସୁଛି।

ବର୍ଷାର ଆଗମନରେ ଚାଷୀ ଗୁଆ, ବେଉସା କରିଥାନ୍ତି। ଚାଷକାମ ପରେ ଲୋକଙ୍କ ପାଖରେ କାମ ନ ଥାଏ। ତେଣୁ ଏହି କରଡ଼ି ବ୍ୟବସାୟ ପ୍ରତି ଅକୃଷ୍ଟ ହୋଇଥାନ୍ତି। ବର୍ଷାଋତୁରେ ବାଉଁଶବୁଦାରୁ



ଜଣେ ଗ୍ରାହକ କରଡ଼ି କିଣୁଛନ୍ତି।

କରଡ଼ି ବାହାରେ। ଉମରକୋଟର ଆଦିବାସୀମାନେ ସ୍ଥାନୀୟ ପୋଡ଼ାଗୋଡ଼ ଓ ଆଖପାଖ ଜଙ୍ଗଲରୁ କରଡ଼ି ସଂଗ୍ରହ କରିଥାନ୍ତି। ମହିଳାମାନେ ବଡ଼ି ଭୋରୁ ଉଠି ଜଙ୍ଗଲରୁ ଏହି କରଡ଼ି ଆଣିଥାନ୍ତି। ଏହାକୁ ଛୋଟଛୋଟ କରି କାଟି ବଜାରକୁ ବିକ୍ରି କରିବାକୁ ଆଣିଥାନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଏହି କରଡ଼ିର ଚାହିଦା ରହିଛି। କରଡ଼ି ବଜାରକୁ ଆସିବା ମାତ୍ରେ ସେଠାରେ ଗ୍ରାହକଙ୍କ ଭିଡ଼ ଜମିଯାଏ। ଗୋଟିଏ ଦନା କରଡି ୧୫ରୁ ୨୦ ଟଙ୍କାରେ ବିକ୍ରି ହୁଏ। କରଡ଼ି ବିକ୍ରିକରି ଜଣେ ଦୈନିକ ୨୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି। କରଡ଼ିରେ ପ୍ରଚୁର ପରମାଣର କ୍ୟାଲସିୟମ ରହିଛି। ଏହାକୁ ଖାଇବା ଦ୍ୱାରା ପାଚନ ଶକ୍ତି ବଢ଼େ। ତେଣୁ ଗ୍ରାହକ ଏହାକୁ କିଣିବାକୁ ବହୁତ ପସନ୍ଦ କରନ୍ତି। କରଡ଼ିରୁ ଅନେକ ପ୍ରକାର ସୁଆଦିଆ ତରକାରି ତିଆରି ହୁଏ। ସରକାରୀସ୍ତରରେ ଯଦି ପ୍ରୋତ୍ସାହନ ମିଳିଥାନ୍ତା ଓ ବାଉଁଶ ଜଙ୍ଗଲ ସୃଷ୍ଟି କରାଯାଇ ପାରନ୍ତା ତା'ହେଲେ ଲୋକେ ଆଉ କିଛି ଅଧିକ ରୋଜଗାର କରିପାରନ୍ତେ ବୋଲି ପରିବେଶବିତ ପ୍ରଦୀପ ମିଶ୍ର କହିଛନ୍ତି।

# ୧୫ ପଞ୍ଚାୟତର ଲୋକେ ଘେରିଲେ ତହସିଲ କାର୍ଯ୍ୟାଳୟ

ଚିତ୍ରକୋଣ୍ଡା,୪।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ଫାର୍ମ ନିକଟରେ ଥିବା ସରକାରୀ ଜଙ୍ଗଲ ଜମି ଜବରଦଖଲ କରି ରହିଥିବା ୧୦୫ ପରିବାରକୁ ତୁରନ୍ତ ସେଠାରୁ ହଟାଇବାକୁ ଦାବି କରି ସୋମବାର ସ୍ଥାନୀୟ ଅଞ୍ଚଳର ୧୫ଟି ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଶୁକ୍ରା ମୁଦୁଲିଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ଟି. ପଦ୍ମନାଭ ଦୋରା ଏନେଇ ଜିଲା ପ୍ରଶାସନ ଅବଗତ ଅଛନ୍ତି, ଆଇନ ଅନୁଯାୟୀ ଜିଲା ପ୍ରଶାସନ ନିର୍ଦ୍ଦେଶରେ କାର୍ଯ୍ୟ ହେବ ବୋଲି କହି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଲୋକମାନେ କିଛି ଶୁଣି ନ ଥିଲେ। ରାତ୍ରିଯାଏ ସେମାନେ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ଆମେ ବାରମ୍ବାର ଜିଲା ପ୍ରଶାସନକୁ ଜଣାଇ କିଛି ସୁଫଳ ପାଇନାହୁଁ ବୋଲି ଅଭିଯୋଗ କରିଥିଲେ। ଜିଲା


ଧାରଣାରେ ବସିଥିବା ଗ୍ରାମବାସୀ।

ପ୍ରଶାସନ ତୁରନ୍ତ ଜବରଦଖଲକାରୀ ଏହି ୧୦୫ ପରିବାରଙ୍କୁ କୃଷିଉଦ୍ୟାନରୁ ବାହାର କରୁ। କୃଷିଉଦ୍ୟାନ ଜବରଦଖଲକାରୀଙ୍କ କବଜାରେ ଥିବାରୁ ସେଠାରେ କୌଣସି କାମ

**ଜବରଦଖଲ କାରୀଙ୍କୁ କୃଷି ଉଦ୍ୟା ଫାମରୁ ହଟାଇବାକୁ ଦାବି**

ହୋଇପାରୁନି। କୃଷିଉଦ୍ୟାନରେ କାମ କରି ନିଜ ପରିବାର ଚଳାଉଥିବା ପରିବାର ୮ମାସ ହେଲା କାମ ବନ୍ଦ ଯୋଗୁ ବେରୋଜଗାର ହେଇ ବସିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ୧୦୫ ପରିବାର ଆସି ଚିତ୍ରକୋଣ୍ଡା କୃଷିଉଦ୍ୟାନ ନିକଟସ୍ଥ ଜଙ୍ଗଲ ଗୋଚର ଜମିକୁ ମାଡି ବସି ବସ୍ତି ବାନ୍ଧି ରହି ଆସୁଛନ୍ତି। ଆମର ଜମିବାଡ଼ି ,ଘରଦ୍ୱାର କିଛି ନାହିଁ। ଆମ ପୂର୍ବପୁରୁଷ ଏଠାରେ ଆଗରୁ ରହୁଥିଲେ। ଏ ଜାଗା ଆମେ ଛାଡିବୁନି କହି ରହିଆସୁଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୂର୍ବରୁ ଅନେକଥର ବୁଝାଶୁଝା କରାଯାଇଥିଲେ ମଧ୍ୟ ଜବରଦଖଲକାରୀମାନେ କିଛି ଶୁଣିନାହାନ୍ତି।

# ବ୍ୟାଙ୍କ ଠକେଇ ରୋକିବାକୁ ପ୍ରୟାସ

କୋରାପୁଟ, ୪।୧୦(ସ୍ୱ.ପ୍ର.)


ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

କୋରାପୁଟ ଟାଉନ ଥାନା ପକ୍ଷରୁ ସୋମବାର ଥାନା ପରିସରରେ ବ୍ୟାଙ୍କରେ ହେଉଥିବା ବିଭିନ୍ନ ଠକେଇ ଘଟଣାକୁ କିପରି ରୋକାଯାଇପାରିବ ଏବଂ ହିତାଧିକାରୀଙ୍କୁ କିପରି ଉତମ ସେବା ପାଇପାରିବେସେନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ଡିପିଓ ଗୁଣନିଧି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ସ୍ଥାନୀୟ ଲିଡ ବ୍ୟାଙ୍କ ମ୍ୟାନେଜର ଲିଙ୍ଗରାଜ ସାହୁ, ଷ୍ଟେଟବ୍ୟାଙ୍କ ମ୍ୟାନେଜର ସୁଶିଲ କୁମାର ବିଶି, ଆଇଓବିର ସନ୍ଦିପ ହୋତା, ଏକ୍ସିସ ବ୍ୟାଙ୍କର ଲୋକନାଥ ଶତପଥୀ, ପିଏନବିର ଶୈଳେନ୍ଦ୍ର ମୋହନ ବାଜପାୟୀ, ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ସଂଯୋଗ ପଟ୍ଟନାୟକ, ୟୁକୋବିର ମ୍ୟାନେଜର ଅଜିତ ମଣ୍ଡଳ, କାନାରା ବ୍ୟାଙ୍କର ଜ୍ୟୋତି ପ୍ରକାଶ ସାହୁ, ଇଣ୍ଡିଆନ ବ୍ୟାଙ୍କର ଅଙ୍କିତ ଧଳ ଉପସ୍ଥିତ ଥିଲେ। ଉପସ୍ଥିତ ବ୍ୟାଙ୍କ ପରିଚାଳକମାନଙ୍କୁ ବ୍ୟାଙ୍କ ଠକେଇକୁ କିପରି ରୋକାଯାଇପାରିବ ସେନେଇ ପୋଲିସ ପକ୍ଷରୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ସେହିପରି ବ୍ୟାଙ୍କରେ ହେଉଥିବା ବିଭିନ୍ନ ଠକେଇ ଓ ଅର୍ଥ ହଡପ ଘଟଣାରେ କିପରି

**୯ବ୍ୟାଙ୍କ ପରିଚାଳକଙ୍କୁ ନେଇ ବୈଠକ**

ବ୍ୟାଙ୍କ କର୍ମଚାରୀ ସାମିଲ ହେବେ ନାହିଁ ସେ ନେଇ ବ୍ୟାଙ୍କ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏସଡିପିଓ ମଲ୍ଲିକ ପରାମର୍ଶ ଦେଇଥିଲେ । ବ୍ୟାଙ୍କରେ ଥିବା ସମସ୍ତ ସିସି ଟିଭି ଉପରେ ତୀକ୍ଷଣ ନଜର ରଖିବା, କର୍ମଚାରୀଙ୍କ ମଧ୍ୟରେ ଉତମ ବୁଝାମଣା, ବ୍ୟାଙ୍କରେ ଥିବା ଏଟିଏମର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା । ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ସହରର ଏକ ବ୍ୟାଙ୍କ ଠକେଇ ମାମଲାରେ ଜଡିତ ହୋଇ ବ୍ୟାଙ୍କ କ୍ୟାଶିୟର ଓ ରୋଷେୟା ଗିରଫ ହୋଇଥିଲେ । ଏସଆଇ ସୁଦର୍ଶନ ଅଧିକାରୀ, ଯଶୋବନ୍ତ ସାଲିମଙ୍କ ସମେତ ଥାନାର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ...

### ନିମ୍ନମାନର ବିଦ୍ୟୁତ୍ ସଂଯୋଗ କରୁଛି ହାଉସିଂବୋର୍ଡ

କୋରୁକୋଣ୍ଡା,୪।୧୦(ଡି. ଏନ.ଏ.)- ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିର ଓର୍କେଲ ଥାନାର ବିଲ୍‌ଡିଂ ନିର୍ମାଣ ଦାୟିତ୍ୱ ହାଉସିଂବୋର୍ଡ ନେଇଛି। ଏହି କାର୍ଯ୍ୟରେ ଅନିୟମିତତା ଏବଂ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ତେବେ ଅଭିଯୋଗ ପ୍ରତି ଟିପିଏସ୍‌ଓଡିଏଲ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଥାନାର ବିଲ୍‌ଡିଂ ନିର୍ମାଣରେ ବିଦ୍ୟୁତ୍ ସଂଯୋଗ ପାଇଁ ମୁଖ୍ୟ ରାସ୍ତା ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାରରୁ ନିଆଯାଉଛି। ଏଥିପାଇଁ ଯେଉଁ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି ସେଥିରେ ଏକ୍ସଏଲପି କେବୁଲ ବ୍ୟବହାର କରିବା ପରିବର୍ତ୍ତେ ବେୟାର କଣ୍ଡକ୍ଟର୍ ବ୍ୟବହାର କରାଯାଇଛି। ବାଲିମେଳା ନଗରର ଗୋପବନ୍ଧୁ ଛକ ନିକଟରେ ଥିବା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ ଦେଇ ଓର୍କେଲ ଥାନା ବିଲ୍‌ଡିଂକୁ ଏହି ସଂଯୋଗ ଆସିଛି। ଏପରି ନିମ୍ନମାନର ବିଦ୍ୟୁତ୍ ସଂଯୋଗ ଦ୍ୱାରା ଯେକୌଣସି ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

### ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ମାଲକାନଗିରି,୪।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଜିଲା ସଂଘର ଉପଦେଷ୍ଟା ନାରାୟଣ ଭୋଲ, ପ୍ରଭାତ ପରିଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ଜିଲା ସଭାପତି ଭାବେ ରାମ ପ୍ରସାଦ ପାଢୀ, ଉପସଭାପତି ପରମେଶ୍ୱର ଡୁରୁକା, ବାସନ୍ତୀ ପଟଲା, ସମ୍ପାଦକ ଗୁରୁପଦ ସରକାର, ସଙ୍ଗଠନ ସମ୍ପାଦକ ବଳରାମ କିର୍ସାନୀ, ସପନ ମଣ୍ଡଳ, ସଂଯୋଜକ ରୂପେ ଅର୍ଜୁନ ପଡିଆମି ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ଜିଲାର ୪୨୨ ଜଣ ଶିକ୍ଷକ ମତଦାନ କରିଥିଲେ। ଗୌରୀ ଶ୍ୟାମ ମହାନ୍ତି, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ, ରତିକାନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ସମନ୍ୱୟ ମେଳା

ମାଲିକାନଗିରି, ୪।୧୦ (ଡି.ଏନ.ଏ.)- କାଲିମେଳା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଡିପିଏମ୍ ପବିତ୍ର ମୋହନ ବାରା, ବିଡିଓ ଉମାଶଙ୍କର ଦଳେଇ, ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା, ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ଅତିରିକ୍ତ ବିଡିଓ ବସନ୍ତ ବେହେରା ଏବଂ ଏପିଡ଼ି ବାଲାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ୟାଙ୍କ ପରିଚାଳକ, ବ୍ୟାଙ୍କ ମିତ୍ରଙ୍କ ସହ ୩୯୧ ଜଣ ଏସଏଚଜି ଗ୍ରୁପର ମହିଳା ଉପସ୍ଥିତ ଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ଅବସରରେ ସେମାନଙ୍କୁ ୭ କୋଟି ୨୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

### 'ରାଜ୍ୟରେ ଦୁର୍ନୀତି, ଅପରାଧ ଚରମ ସୀମାରେ ପହଞ୍ଚିଛି'

ଜୟପୁର, ୪।୧୦ (ନି.ପ୍ର.)- କୋରାପୁଟ ଜିଲା ଗସ୍ତରେ ଆସିଥିବା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଜୟପୁରରେ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ଫଙ୍କ୍‌ସନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ବାହିନୀପତି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଭାଜପା ସଭାପତି ବିଜୟ ମିଶ୍ର, ଶିକ୍ଷାବିତ୍ କୁମୁଦମାଳା ମହାନ୍ତି, ଦୀନବନ୍ଧୁ ଅଗ୍ରୱାଲ, ପ୍ରକାଶ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଥିଲେ ଯେ, ରାଜ୍ୟରେ ଅପରାଧ ଓ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ମହିଳାମାନେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଜୟପୁର ସହରର ବିକାଶ ପାଇଁ ଏଯାଏ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଏହାର ଉନ୍ନତି କରାଯାଇନାହିଁ। ସେ କୋରାପୁଟ ଜିଲାପାଳ ଥିବା ସମୟରେ ଦେଖିଥିବା ସହରର ଅବସ୍ଥା ଏବେ ମଧ ସେମିତି ରହିଛି। ଜିଲାରେ ବିଶେଷଜ୍ଞ ଡାକ୍ତର ଅଭାବ ରହିଛି। ଜୟପୁରର ବହୁ ପୁରୁଣା ମହାବିଦ୍ୟାଳୟ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ କରିବା ନେଇ ସରକାର ଗୁରୁତ୍ୱ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏହି ଅବସରରେ ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ଦେବା ନେଇ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ଉଡାନ ଯୋଜନାରେ ଜୟପୁରରୁ ବିମାନ ଚଳାଚଳ ଆରମ୍ଭ କରିବା, ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ଜୟପୁର-ପୁରୀ ଟ୍ରେନ ଚଳାଚଳ କରିବାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଆଗାମୀ ପିଢ଼ିକୁ ବିପଦରେ ପକାଇବ ଦୂଷିତ ପରିବେଶ

ମାଲକାନଗିରି, ୪।୧୦ (ଡି.ଏନ.ଏ.)

**ଆଜାଦିର ଅମୃତ ମହୋତ୍ସବ ପାଳିତ**

ମାଲକାନଗିରି ପୌର ପରିଷଦ ପକ୍ଷରୁ ଅମୃତ ମହୋତ୍ସବ ସୋମବାର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ତ୍ରିଶୁଳ ମାର୍ଡିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ପରିମଳ ବ୍ୟବସ୍ଥାକୁ ସୁଦୃଢ କରା ନ ଗଲେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଦୂଷିତ ପରିବେଶ ସୃଷ୍ଟି ହେବ । ଏହାର ପ୍ରଭାବରେ ବିଭିନ୍ନ ରୋଗ ଆଗାମୀ ପିଢିକୁ ବିପଦରେ ପକାଇବ ବୋଲି ମାର୍ଡି କହିଥିଲେ। ସହରାଞ୍ଚଳରେ ରହୁଥିବା ଶିକ୍ଷିତ ଓ ସଚେତନ ନାଗରିକମାନେ ପରିବେଶ ସମ୍ପର୍କରେ ଅନ୍ୟକୁ ପ୍ରେରଣା ଦେଉଥିଲେ ମଧ୍ୟ ନିଜ ବାସଗୃହ ପରିସର ଓ ନିଜ ସହରର ପରିବେଶ ପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ସେ କହିଥିଲେ। ଘରର ଅଳିଆ ଆବର୍ଜନା ବାରମ୍ବାର ରାସ୍ତା କଡ ଏବଂ ନାଳ ନର୍ଦ୍ଦମାରେ ଫିଙ୍ଗିବା ଯୋଗୁ ବର୍ଷା ଦିନେ ନାଳରୁ ଜଳ ନିଷ୍କାସନ ହୋଇ ନ ପାରି ବାସଗୃହ ମଧ୍ୟରେ ପ୍ରବେଶ କରୁଛି। ଅନେକ ସ୍ଥାନରେ ଅପରିଷ୍କାର ପରିବେଷ ସୃଷ୍ଟି ହେଉଛି । ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ବାର ସଚେତନ କରାଗଲେ ମଧ୍ୟ ଲୋକେ ସଚେତନ ନ ହୋଇ କେବଳ ସରକାରୀ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି ବୋଲି ସେ କ୍ଷୋଭର ସହ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୨୦୦ରୁ ଉର୍ଦ୍ଧ୍ୱ ଗୃହିଣୀ, ଯୁବତୀ ଯୁବକ ଆଗାମୀ ଦିନରେ ମାଲକାନଗିରି ସହରକୁ ସବୁଜ ସୁନ୍ଦର ପରିବେଶ ସହ ପରିମଳ ମୁକ୍ତ ସହର ରୂପେ ଗଢି ତୋଳିବାକୁ ଏହି ଅବସରରେ ଶପଥ ନେଇଥିଲେ। ପରିମଳ ଯନ୍ତ୍ରୀ ଲିଙ୍ଗରାଜ ପାଳ, ପରିମଳ ପରିଚାଳକ ମନୋଜ ବାରିକ, ବୁଦ୍ଧିଜୀବୀ ଦୁର୍ଯ୍ୟୋଧନ ପାତ୍ର, ରତ୍ନାକର ଦାସ, ଯନ୍ତ୍ରୀ ଶୁଭକାନ୍ତ ଜେନା, ପରିମଳ ତଦାରଖକାରୀ ଏମ.ଚନ୍ଦ୍ର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୮ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଚିତ୍ରକୋଣ୍ଡା, ୪।୧୦(ଡି.ଏନ.ଏ.)– ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ବିଡିଓ ରାହୁଲ ମଣ୍ଡଳ, ପିଇଓ ବାଳକୃଷ୍ଣ ଦେହୁରୀ, ସିପି ସୁଧାମୟ ମଣ୍ଡଳ, ଆଇସିଡିଏସ୍ ସୁପରଭାଇଜର ଶରତ ମଞ୍ଜରୀ ସ୍ୱାଇଁ ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ଶିବ ପ୍ରସାଦ ଖରା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ପିଡି ଭୂୟାଁ ଗ୍ରାମସଭାରେ ସ୍ୱଚ୍ଛ ତଥା ଆବର୍ଜନା ମୁକ୍ତ ଭାରତ ଗଢିବାରେ ସହଯୋଗ କରିବାକୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ବାହାରେ ମଳତ୍ୟାଗ ନ କରିବା, ପାଇଖାନା ବ୍ୟବହାର କରିବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବର୍ଜନ କରିବା, ଅଳିଆ ଆବର୍ଜନାକୁ ଠିକ ପରିଚାଳନା କରିବା ନେଇ ସେ ଗ୍ରାମବାସୀଙ୍କୁ ଶପଥ କରାଇଥିଲେ। ଗ୍ରାମବାସୀଙ୍କର ସହଭାଗିତାରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ସମ୍ପର୍କରେ ଅବଗତ କରାଇ ଗ୍ରାମସଭାରେ ୨୦୨୨-୨୦୨୩ ଆର୍ଥିକ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଗ୍ରାମର ପ୍ରସ୍ତାବିତ ଯୋଜନାକୁ ଅନ୍ତର୍ଭୁକ୍ତକରଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଧୂଳିପୁଟ ପଞ୍ଚାୟତରେ ଜିପିଇଓ ହେମନ୍ତ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ, ବଡପଡା ଓ ଅଣ୍ଡିରାପାଲି ପଞ୍ଚାୟତରେ ପିଇଓ ସଞ୍ଜିତ ଦାସ, ପାପରମେଟେଲା ପଞ୍ଚାୟତରେ ପିଇଓ ରମେଶ ଆୟାରଙ୍କ ସହ ବିଭିନ୍ନ ପଞ୍ଚାୟତର ପିଇଓଙ୍କ ତତ୍ତ୍ୱାବଧାନରେ ଗ୍ରାମସଭା ହୋଇଥିଲା ।

# ଗ୍ରାମୀଣ ହାଟ ଉନ୍ନତୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କଲେ ବିଧାୟକ


ବିଧାୟକ ପିତମ ପାଢୀ ଗ୍ରାମୀଣ ହାଟର ନବୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରୁଛନ୍ତି।

ସେମିଳିଗୁଡା,୪।୧୦(ସ୍ୱ.ପ୍ର.)

ସେମିଳିଗୁଡା ବ୍ଲକ ସୁବାଇ ପଞ୍ଚାୟତରେ ବହୁପୁରାତନ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ସୁବାଇ ଗ୍ରାମୀଣ ହାଟକୁ ପୁନରୁଦ୍ଧାର କରାଯାଇଛି। ହାଟର ପୁନରୁଦ୍ଧାର ଲାଗି ଗ୍ରାମବାସୀ ପୂର୍ବରୁ ଅନେକ ଥର ଦାବି କରି ଆସୁଥିଲେ। ଏବେ ଏହାର ନବୀକରଣ ହୋଇଛି। ହାଇମାଷ୍ଟ ଲାଇଟ ଲଗାଯାଇଛି। ଏହାକୁ ସୋମବାର ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ଗୁଡିକରେ ରହିଥିବା ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ ଗ୍ରାମାଞ୍ଚଳରେ ବିକାଶଧାରା ଜାରି ରହିବ ବୋଲି ସେ କହିଥିଲେ। ଜିଲା ପରିଷଦ ଜୋନ-୧ ସଭ୍ୟ ଶ୍ୟାମ ହନ୍ତାଳ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଛେଦନାୟକ,ଉପାଧ୍ୟକ୍ଷ ଅନନ୍ତ ରାମ ମାଟାମ, ବିଡିଓ ସବ୍ୟସାଚୀ ବେହେରା, ସୁବାଇ ସରପଞ୍ଚ ରାମଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ପାଢ଼ୀ ସୁବାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

# ସ୍ୱଚ୍ଛତା ରକ୍ଷା ନେଇ ଶପଥ ନେଲେ ମହିଳା

ମାଲକାନଗିରି, ୪।୧୦ (ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତର ଏମ୍‌ଭି-୮୪ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ସ୍ୱେଚ୍ଛାସେବିକା ଓ ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ସହାୟିକା କନିକା ମାଝୀଙ୍କ ନେତୃତ୍ୱରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଶାନ୍ତି ହରି ଆଞ୍ଚଳିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମର ମହିଳାମାନେ ସାମିଲ ହୋଇଥିଲେ। ଗ୍ରାମର ମନ୍ଦିରଠାରୁ ଆରମ୍ଭ କରି ରାସ୍ତା ପାର୍ଶ୍ୱ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଷ୍କାର କରାଯାଇଥିଲା।



ସ୍ୱଚ୍ଛତା ରକ୍ଷା ନେଇ ମହିଳାମାନେ ଶପଥପାଠ କରୁଛନ୍ତି।

ପରେ ଅନୁଷ୍ଠିତ ବୈଠକରେ ଆଗକୁ ଆସୁଥିବା ପଞ୍ଚାୟତର ଗ୍ରାମସଭାରେ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି, ନିଜ ଗ୍ରାମର ବିକାଶ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ମହିଳାମାନେ ସ୍ୱଚ୍ଛତା ରକ୍ଷା ନେଇ ଶପଥପାଠ କରିଥିଲେ।

# ନିଜ ପାଣ୍ଠିରୁ ଅର୍ଥ ଦେବାକୁ ବିଧାୟକଙ୍କ ପ୍ରତିଶ୍ରୁତି

ମାଲକାନଗିରି,୪।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଆଦିତ୍ୟ ମାଢ଼ି ସଭାପତିତ୍ୱ କରିଥିଲେ। ଗୋଷ୍ଠୀ

**ରୋଗୀ କଲ୍ୟାଣ ସମିତି ବୈଠକ**


ବୈଠକରେ ଉପସ୍ଥିତ ଅତିଥି।

ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରୋଗୀମାନେ କିପରି ଉତ୍ତମ ଚିକିତ୍ସା ପାଇବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଧାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଉଜ୍ଜ୍ୱଳ ଆଲୋକ, ଶିଶୁ ଉଦ୍ୟାନ ଓ ପକ୍କା ରାସ୍ତା ନିର୍ମାଣ ଲାଗି ନିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ, ବିଡିଓ, ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ , ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ପରିସରରେ ଭୁଶୁଡିଲା ପୁରାତନ ଗୃହ

ପଟ୍ଟାଙ୍ଗୀ,୪।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଥିବା ଏକ ପୁରାତନ ଗୃହ ସୋମବାର ଭୁଶୁଡ଼ି ପଡିଛି। ଏଥିରେ କେହି ଆହତ ହୋଇନାହାନ୍ତି କି କିଛି କ୍ଷୟକ୍ଷତି ହୋଇନାହିଁ। ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟକୁ ଲାଗି ରହିଥିବା ଏହି ପୁରାତନ ଗୃହଟି ହଠାତ ଭୁଶୁଡି ପଡିବାରୁ କାର୍ଯ୍ୟାଳୟ ଭିତରେ ଥିବା କର୍ମଚାରୀ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନେକ ପୁରାତନ ଗୃହ ରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ମଧ୍ୟ ଏକ ପୁରାତନ ଗୃହରେ ଚାଲୁଛି। ପୁରାତନ ଗୃହଗୁଡିକର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ସମୟକ୍ରମେ ଏହା ଦୁର୍ବଳ ହୋଇ ଭୁଶୁଡିପଡୁଛି। ବ୍ଲକ କାର୍ଯ୍ୟାଳୟକୁ ପ୍ରତେହ ବହୁ ଲୋକ ଯାତାୟାତ କରୁଛନ୍ତି। ଏହି ପୁରୁଣା ଦୁର୍ବଳ ଗୃହଗୁଡିକ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରିବ। ଏଥିପ୍ରତି ଗୁରୁତ୍ୱ ଦେଇ ବ୍ଲକ ପ୍ରଶାସନ ପୁରୁଣା ଗୃହଗୁଡିକର ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ୫ ଏସ୍‌ଏଚ୍‌ଜିଙ୍କୁ କାର୍ଯ୍ୟାଦେଶ

କୋରାପୁଟ, ୪।୧୦(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସପାଲିଟି ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୋମବାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ତଥା ଆଇଏଏସ ପୋବେସର୍ନର ଭେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ କୋରାପୁଟ ସହରର ଗୌତମ ନଗର ସାଇଶ୍ରୀ , ଡିଆଇ ଅଫିସ ଅଞ୍ଚଳର ମା ସନ୍ତୋଷୀ ଏସଏଚଜି, ରଙ୍ଗବାଲି କୁମ୍ଭାର ଅଞ୍ଚଳର ମା ଦେବୀ ଶକ୍ତି ଏସଏଚଜି, ଡାଙ୍ଗଦେଉଳାର ଓମ ଶିରା ଏସଏଚଜି, ସୁନାପୁରର ମା ମୁତ୍ୟାଲୁମାଁ ଏସଏଚଜିକୁ ୫ ଲକ୍ଷ ଟଙ୍କା ଲେଖାଏ କାଯ୍ୟାଦେଶ ପ୍ରଦାନ କରିଥିଲେ। ସହକାରୀ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ସିଡିପିଓ ସୁରମା ମହାପାତ୍ର, ସିଏମଏମ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ, ମିଶନ ଶକ୍ତିର ବ୍ଲକ ସଂଯୋଜକ ବିନୋଦିନୀ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।


ଏକ ଏସ୍‌ଏଚ୍‌ଜି ଗ୍ରୁପକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି ।

# ଡ୍ରାଗନ ଚାଷ କରି ଉଦାହରଣ ପାଲଟିଲେ ଜିତେନ

ମାଲକାନଗିରି, ୪।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ଭଳି ଉପାନ୍ତ ଅଞ୍ଚଳରେ ସାଧାରଣତଃ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ଜିଲାର କୋରୁକୋଣ୍ଡା ବ୍ଲକ ଏମ୍‌ଭି-୩୮ ଗ୍ରାମର ଚାଷୀ ଜିତେନ ବଳ କିଛି

**ଓଡ଼ିଶା ମାଟିରେ ବିଦେଶୀ ଫଳଚାଷ**

- ୟୁଟ୍ୟୁବ୍‌ରୁ ଶିଖିଥିଲେ ଚାଷ ପ୍ରଣାଳୀ
- ବାଂଲାଦେଶରୁ ମଗାଇଥିଲେ ୧ହଜାର ଚାରା
- ବାହାର ରାଜ୍ୟରେ କିଲୋପ୍ରତି ମୂଲ୍ୟ ରହିଛି ୧ ହଜାର ଟଙ୍କା
- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ



ଜିତେନ କରିଥିବା ଡ୍ରାଗନ ଫଳଚାଷ।

ନିଆରା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ବିଦେଶରେ ଫଳୁଥିବା ଡ୍ରାଗନ ଫଳ ଚାଷ କରି ସେ ଜିଲା ପାଇଁ ଭିନ୍ନ ପରିଚୟ ଆଣିଛନ୍ତି। ସାଧାରଣତଃ ବିଦେଶରେ ହେଉଥିବା ଫଳ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଜିତେନ ଏହି ଫଳ ଚାଷ କରିବା ପାଇଁ ଚିନ୍ତା କରିବା ପରେ ସେ ପ୍ରଥମେ ୟୁଟ୍ୟୁବ୍‌ରୁ ଏହି ଚାଷ ପଦ୍ଧତି ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଡ୍ରାଗନ ଚାଷ ଲାଗି ଜିତେନ ପ୍ରଥମେ ବାଂଲାଦେଶରୁ ୧ହଜାର ଚାରା ମଗାଇ ଥିଲେ। ଏହାର ବଜାର ମୂଲ୍ୟ ୧ଲକ୍ଷ ଟଙ୍କା। ପରେ ସେ ୟୁଟୁବ୍‌ରୁ ଶିଖିଥିବା ପ୍ରଣାଳୀ ଅନୁସାରେ ଚାଷ ଆରମ୍ଭ କରିଥିଲେ। ଏଠାକାର ପରିବେଶରେ କିଭଳି ଡ୍ରାଗନ ଗଛଗୁଡ଼ିକୁ ବଞ୍ଚେଇ ରଖି ହେବ ସେନେଇ ସେ ବେଶ୍ ଧ୍ୟାନ ଦେଇ ଗଛଗୁଡ଼ିକର ଯତ୍ନ ନେଇଥିଲେ। ଶେଷରେ ତାଙ୍କର ପରିଶ୍ରମ ସଫଳ ହୋଇଥିଲା। ଗଛଗୁଡ଼ିକରେ ଡ୍ରାଗନ ଫଳ ଫଳିଥିଲା। ବାହାର ରାଜ୍ୟରେ କିଲୋପ୍ରତି ଏହି ଫଳ ୧ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ ଏଠିକାର ସ୍ଥାନୀୟ ବଜାରରେ ମଧ୍ୟ ଡ୍ରାଗନ ଫଳକୁ ବିକ୍ରି କରି ଲାଭବାନ ହେବେ ବୋଲି ଆଶା ରଖିଛନ୍ତି ଜିତେନ।

